SAMBAD
ସମ୍ବାଦ
୨୪ ଫେବୃଆରି ୨୦୧୬

# ମାତୃଭାଷା ପାଇଁ କାର୍ଯ୍ୟ କରିବ ଆଇଆଇଟି

ଭୁବନେଶ୍ୱର,୨୩।୨(ଇମିସ): ଓଡ଼ିଆ ହେଉ କି ହିନ୍ଦୀ ଭାଷା। ଅଥବା ବଙ୍ଗାଳୀ, ମାଲୟାଲାମ୍, ତେଲୁଗୁ, ତାମିଲ ସବୁ ଭାଷା ହେଉଛି ଭାରତୀୟ। ସେଗୁଡ଼ିକର ବିକାଶ ତଥା ପ୍ରଚାର ପ୍ରସାର ପାଇଁ କାର୍ଯ୍ୟ କରିବ ଭୁବନେଶ୍ୱର ଆଇଆଇଟି। ଗବେଷଣା ସାଙ୍ଗକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାଷାଜ୍ଞାନ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବ ବୋଲି ଭୁବନେଶ୍ୱର ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର.ଭି. ରାଜକୁମାର କହିଛନ୍ତି।

ଗତ ଶିକ୍ଷାବର୍ଷରୁ ଆଇଆଇଟିରେ ଓଡ଼ିଶୀ ନୃତ୍ୟ ପାଠ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ଦିଆଯାଉଛି। ଯାହାକି ଦେଶର ଅନ୍ୟ କୌଣସି ଆଇଆଇଟିରେ ଏଭଳି ଶାସ୍ତ୍ରୀୟ ନୃତ୍ୟ ବିଷୟରେ ଶିକ୍ଷା ଦିଆଯାଉ ନାହିଁ। ଏହି ପାଠ୍ୟକ୍ରମରେ ନାମଲେଖା ପାଇଁ ପିଲାଙ୍କ ଆଗ୍ରହ ବଢ଼ୁଥିବା ବେଳେ ତାହାକୁ ଦୃଷ୍ଟିରେ ରଖି ଭାଷା ସମ୍ପର୍କିତ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିବାକୁ ନିଷ୍ପତ୍ତି ହୋଇଛି। ପ୍ରଥମତଃ ଓଡ଼ିଆ ଭାଷାକୁ ଅଧିକ ଗୁରୁତ୍ୱ ଦିଆଯିବ। ଆଇଆଇଟିର ଯେଉଁ ଛାତ୍ରଛାତ୍ରୀ ଏହି ଭାଷାରେ ଶିକ୍ଷାଗ୍ରହଣ କରିବାକୁ ଚାହିଁବେ ସେମାନଙ୍କ ପାଇଁ ବିଭିନ୍ନ ସମୟରେ ସ୍ୱତନ୍ତ୍ର କର୍ମଶାଳା, ଆଲୋଚନାଚକ୍ର ଆୟୋଜିତ ହେବ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାଷା ଜ୍ଞାନ ପ୍ରତିଯୋଗିତା କରାଯିବ। କେବଳ ଓଡ଼ିଆ ନୁହେଁ। ପଡ଼ୋଶୀ ବଙ୍ଗଳା, ତାମିଲ, ତେଲୁଗୁ, ହିନ୍ଦୀ, ମାଲାୟାଲାମ୍, କନ୍ନଡ ପରି ଭାଷାରେ ମଧ୍ୟ କାର୍ଯ୍ୟକ୍ରମ କରିବାକୁ ସ୍ଥିର ହୋଇଛି। ଯେଉଁ ଭାଷାରେ କାର୍ଯ୍ୟକ୍ରମ ହେବ ସେହି ଭାଷାର ବିଶିଷ୍ଟ ଭାଷାବିତ୍‌ମାନଙ୍କୁ ଡକାଯାଇ ବକ୍ତୃତା ପ୍ରଦାନ କରାଯିବ। ଆସନ୍ତା ଶିକ୍ଷାବର୍ଷରୁ ପର୍ଯ୍ୟାୟକ୍ରମେ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି।

ଅନ୍ୟପକ୍ଷରେ ରବିବାର ଦିନ ଆଇଆଇଟି ପରିସରରେ ବିଶ୍ୱ ମାତୃଭାଷା ଦିବସ ଅନୁଷ୍ଠିତ ହୋଇଥିଲା। ଆଇଆଇଟି ଉପ ନିର୍ଦ୍ଦେଶକ ପ୍ରଫେସର ଏସ୍.ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ଏସ୍.ସି. ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ସମୟରେ ମାତୃଭାଷାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଶିଷ୍ଟ ଓଡ଼ିଶୀ କଣ୍ଠଶିଳ୍ପୀ ଡ. ମିତାଲି ଚିନ୍ନାରା ସମ୍ମାନିତ ଅତିଥିଭାବେ ଯୋଗଦେଇ ସଂସ୍କୃତିର ବିକାଶରେ ମାତୃଭାଷାର କିଭଳି ଭୂମିକା ରହିଛି ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ କଣ୍ଠଶିଳ୍ପୀ ଚିନ୍ନାରାଙ୍କ ନେତୃତ୍ୱରେ ହିନ୍ଦୀ, ଓଡ଼ିଆ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏଥିସହ ଛାତ୍ରଛାତ୍ରୀ, ପ୍ରଫେସର, କର୍ମଚାରୀ ସେମାନଙ୍କ ମାତୃଭାଷାରେ ସଙ୍ଗୀତ ପରିବେଷଣ କରିବା ସହ ନୃତ୍ୟ ପ୍ରତିଯୋଗିତାରେ ଦକ୍ଷତା ପ୍ରଦର୍ଶନ କରିଥିଲେ। ପରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।